॥ ଶ୍ରୀହରିଃ॥

# ॥ ସ୍ତର ୧ - ଶ୍ରୀମଦ୍ଭଗବଦ୍ଗୀତା ଶୁଦ୍ଧ ଉଚ୍ଚାରଣ ମାର୍ଗଦର୍ଶିକା ॥

**( ଏହି ମାର୍ଗଦର୍ଶିକା ପ୍ରାଥମିକ ସ୍ତର ର ଭଗବଦ୍ଗୀତା ପ୍ରଶିକ୍ଷାର୍ଥୀ ମାନଙ୍କ ପାଇଁ ପ୍ରସ୍ତୁତ କରାଯାଇଅଛି )**

## ହ୍ରସ୍ୱ ଏବଂ ଦୀର୍ଘ ଉଚ୍ଚାରଣ ନିୟମ -

- ହ୍ରସ୍ୱ **ଅ, ଇ, ଉ, ଋ, ଌ** ଏହି ଅକ୍ଷରଗୁଡିକ ଦ୍ୱାରା ଗଠିତ ହୋଇଥିବା ଅକ୍ଷରଗୁଡିକର ଉଚ୍ଚାରଣ ହ୍ରସ୍ୱ (ସମୟ-ଏକ କାଳ) କରନ୍ତୁ, ଦୀର୍ଘ ନୁହେଁ।
- ଦୀର୍ଘ **ଆ, ଈ, ଊ, ୠ, ଏ, ଐ, ଓ, ଔ** ଏହି ଅକ୍ଷରଗୁଡିକ ଦ୍ୱାରା ଗଠିତ ହୋଇଥିବା ସମସ୍ତ ଅକ୍ଷରଗୁଡିକର ଉଚ୍ଚାରଣ ଦୀର୍ଘ (ସମୟ-ଦୁଇ କାଳ) କରନ୍ତୁ, ହ୍ରସ୍ୱ ନୁହେଁ

## ଅନୁସ୍ୱାର ଉଚ୍ଚାରଣ ନିୟମ –

- ଅନୁସ୍ୱାର – ଏପରି ଏକ ବର୍ଣ୍ଣ, ଯାହା ସ୍ୱର ର ଅନୁକରଣ କରିଥାଏ ଅର୍ଥାତ୍ ସ୍ୱର  ପରେ ଆସିଥାଏ ଏବଂ ଯାହାର ଉଚ୍ଚାରଣ  ନାସିକା ଦ୍ୱାରା କରାଯାଇଥାଏ।
- ଅନୁନାସିକ – ଏପରି ଏକ ବର୍ଣ୍ଣ, ଯାହାର ଉଚ୍ଚାରଣ ମୁଖ ଏବଂ ନାସିକା ଦ୍ୱାରା କରାଯାଇଥାଏ।
- ଅନୁସ୍ୱାର ର ଉଚ୍ଚାରଣ ପରବର୍ତ୍ତୀ ବର୍ଣ୍ଣ ଉପରେ ନିର୍ଭର କରିଥାଏ। ଅର୍ଥାତ୍ ସେହି ଅନୁସ୍ୱାର ର ପରବର୍ତ୍ତୀ ବର୍ଣ୍ଣ ଅନୁସାରେ ପରିବର୍ତ୍ତିତ ହୋଇଥାଏ।

### କ ବର୍ଗ

- **କ୍, ଖ୍, ଗ୍, ଘ୍, ଙ୍** କଣ୍ଠ୍ୟ ବର୍ଣ୍ଣ ଅଟନ୍ତି, ଏଗୁଡିକର ଉଚ୍ଚାରଣ କଣ୍ଠ ଦ୍ୱାରା ହୋଇଥାଏ।
- ଏହି ବର୍ଗ ର  ଅନୁନାସିକ **'ଙ୍'**  ଅଟେ, ତେଣୁ ଏହି ବର୍ଗ ର ବର୍ଣ୍ଣଗୁଡିକ ପୂର୍ବରୁ ଆସୁଥିବା ଅନୁସ୍ୱାର ର ଉଚ୍ଚାରଣ  **'ଙ୍'** କରନ୍ତୁ। ଯେପରି - **କଂକଣ (କଙ୍କଣ), ପଂଖ (ପଙ୍ଖ), ଗଂଗା (ଗଙ୍ଗା), ସଂଘ (ସଙ୍ଘ)**
- **'କ୍ଷ'** ସଂଯୁକ୍ତ ବର୍ଣ୍ଣ ଅଟେ। **(କ୍+ଷ =କ୍ଷ)**, ଯେଉଁଥିରେ **'କ୍'** ପ୍ରଥମ ବର୍ଣ୍ଣ ଅଟେ, ତେଣୁ **'କ୍ଷ'** ଅକ୍ଷର ପୂର୍ବରୁ ଆସୁଥିବା ଅନୁସ୍ୱାର ର ଉଚ୍ଚାରଣ **'ଙ୍'** ହେବ। ଯେପରି - **ସଂକ୍ଷିପ୍ତ (ସଙ୍କ୍ଷିପ୍ତ)**

## ଚ ବର୍ଗ

- **ଚ୍, ଛ୍, ଜ୍, ଝ୍, ଞ୍,** ତାଲବ୍ୟ ବର୍ଣ୍ଣ ଅଟନ୍ତି, ଏଗୁଡିକର ଉଚ୍ଚାରଣ ତାଳୁ ଦ୍ୱାରା ହୋଇଥାଏ।
- ଏହି ବର୍ଗର ଅନୁନାସିକ **'ଞ୍'** ଅଟେ, ତେଣୁ ଏହି ବର୍ଗ ର ବର୍ଣ୍ଣଗୁଡିକ ପୂର୍ବରୁ ଆସୁଥିବା ଅନୁସ୍ୱାର ର ଉଚ୍ଚାରଣ **'ଞ୍'** କରନ୍ତୁ। ଯେପରି - **ଚଂଚଳ (ଚଞ୍ଚଳ), ପଂଛୀ (ପଞ୍ଛୀ), ପଂଜା (ପଞ୍ଜା), ରାଂଝା (ରାଞ୍ଝା)**
- **'ଜ୍ଞ'** ସଂଯୁକ୍ତ ବର୍ଣ୍ଣ ଅଟେ। **(ଜ୍+ଞ=ଜ୍ଞ)**, ଯେଉଁଥିରେ **'ଜ୍'** ପ୍ରଥମ ବର୍ଣ୍ଣ ଅଟେ, ତେଣୁ **'ଜ୍ଞ'** ପୂର୍ବରୁ ଆସୁଥିବା ଅନୁସ୍ୱାର ର ଉଚ୍ଚାରଣ **'ଞ୍'** ହେବ। ଯେପରି – **ଇଦଂ+ଜ୍ଞାନମ୍** = **ଇଦଞ୍ଜ୍ଞାନମ୍**

## ଟ ବର୍ଗ

- **ଟ୍, ଠ୍, ଡ୍, ଢ୍, ଣ୍** ମୂର୍ଦ୍ଧନ୍ୟ ବର୍ଣ୍ଣ ଅଟନ୍ତି, ଏଗୁଡିକର ଉଚ୍ଚାରଣ ମୂର୍ଦ୍ଧା ଦ୍ୱାରା ହୋଇଥାଏ।
- ଏହି ବର୍ଗ ର ଅନୁନାସିକ **'ଣ୍'** ଅଟେ, ତେଣୁ ଏହି ବର୍ଗ ର ବର୍ଣ୍ଣଗୁଡିକ ପୂର୍ବରୁ ଆସୁଥିବା ଅନୁସ୍ୱାର ର ଉଚ୍ଚାରଣ **'ଣ୍'** କରନ୍ତୁ। ଯେପରି - **ଘଂଟା (ଘଣ୍ଟା), କଂଠ (କଣ୍ଠ), ପଂଡିତ (ପଣ୍ଡିତ), ଷଂଢ (ଷଣ୍ଢ)**

## ତ ବର୍ଗ

- **ତ୍, ଥ୍, ଦ୍, ଧ୍, ନ୍** ଦନ୍ତ୍ୟ ବର୍ଣ୍ଣ ଅଟେ, ଏଗୁଡିକର ଉଚ୍ଚାରଣ ଦନ୍ତ ଦ୍ୱାରା କରାଯାଏ।
- ଏହି ବର୍ଗ ର ଅନୁନାସିକ **'ନ୍'** ଅଟେ, ତେଣୁ ଏହି ବର୍ଗ ର ବର୍ଣ୍ଣଗୁଡିକ ପୂର୍ବରୁ ଆସୁଥିବା ଅନୁସ୍ୱାର ର ଉଚ୍ଚାରଣ **'ନ୍'** କରନ୍ତୁ। ଯେପରି - **ପଂତ (ପନ୍ତ), ପଂଥ (ପନ୍ଥ), କଂଦ (କନ୍ଦ), ଅଂଧ (ଅନ୍ଧ)**
- **'ତ୍ର'** ସଂଯୁକ୍ତ ବର୍ଣ୍ଣ ଅଟେ। **(ତ୍+ର=ତ୍ର)**, ଯେଉଁଥିରେ **'ତ୍'** ପ୍ରଥମ ବର୍ଣ୍ଣ ଅଟେ ଅତଃ **'ତ୍'** ପୂର୍ବରୁ ଆସୁଥିବା ଅନୁସ୍ୱାର ର ଉଚ୍ଚାରଣ **'ନ୍'** ହେବ। ଯେପରି - **ତଂତ୍ର (ତନ୍ତ୍ର)**

## ପ ବର୍ଗ

- **ପ୍, ଫ୍, ବ୍, ଭ୍, ମ୍** ଓଷ୍ଠ୍ୟ ବର୍ଣ୍ଣ ଅଟେ, ଏଗୁଡିକର ଉଚ୍ଚାରଣ ଓଷ୍ଠ ଦ୍ୱାରା ହୋଇଥାଏ।
- ଏହି ବର୍ଗ ର ଅନୁନାସିକ **'ମ୍'** ଅଟେ, ତେଣୁ ଏହି ବର୍ଗ ର ବର୍ଣ୍ଣଗୁଡିକ ପୂର୍ବରୁ ଆସୁଥିବା ଅନୁସ୍ୱାର ର ଉଚ୍ଚାରଣ **'ମ୍'** କରନ୍ତୁ। ଯେପରି - **ଚଂପା (ଚମ୍ପା), ଇଂଫାଲ (ଇମ୍ଫାଲ), ସଂବଳ (ସମ୍ବଳ), ଦଂଭ (ଦମ୍ଭ)**

## ବିଶିଷ୍ଟ ବର୍ଗ

'କ' ଠାରୁ 'ପ' ବର୍ଗ ପର୍ଯ୍ୟନ୍ତ ବ୍ୟଞ୍ଜନଗୁଡିକ ପୂର୍ବରୁ ଆସୁଥିବା ଅନୁସ୍ୱାର ର ଉଚ୍ଚାରଣ କିପରି କରିବେ ଏହା ଆମେ ଦେଖିଲେ। ଏବେ 'ୟ' ଠାରୁ 'ହ' ପର୍ଯ୍ୟନ୍ତ ପ୍ରତ୍ୟେକ ବର୍ଣ୍ଣ ର ପୂର୍ବରୁ ଆସୁଥିବା ଅନୁସ୍ୱାରଗୁଡିକର କିପରି ଉଚ୍ଚାରଣ କରିବେ ଏହା ଦେଖିବା। ଉଚ୍ଚାରଣ ସ୍ପଷ୍ଟରୂପେ ବୁଝାପଡୁ, ଏଇଥି ପାଇଁ ବନ୍ଧନୀ ରେ ସେହି ଅକ୍ଷର ଲେଖା ହୋଇଛି। ଧ୍ୟାନ ରଖନ୍ତୁ, ବାସ୍ତବରେ ସେହି ବର୍ଣ୍ଣ ସେଠାରେ ନାହିଁ, କେବଳ ଅନୁସ୍ୱାର ର ଉଚ୍ଚାରଣର ସ୍ପଷ୍ଟତା ଏବଂ ପ୍ରାଥମିକ ସ୍ତର ର ଶିକ୍ଷାର୍ଥୀମାନଙ୍କ ସହଜ ବୋଧଗମ୍ୟତା ପାଇଁ ସେଗୁଡିକୁ ଏଠାରେ ନିର୍ଦ୍ଦିଷ୍ଟ କରାଯାଇ ଅଛି।

### ପଦ ମଧ୍ୟରେ ଅନୁସ୍ୱାରଯୁକ୍ତ ବର୍ଣ୍ଣ ପରେ ଆସୁଥିବା 'ୟ' ଠାରୁ 'ହ' ପର୍ଯ୍ୟନ୍ତ ର ଉଦାହରଣ

ପଦ ମଧ୍ୟରେ ଆସୁଥିବା 'ୟ' ଠାରୁ 'ହ' ପର୍ଯ୍ୟନ୍ତ ଅକ୍ଷରଗୁଡିକ ପୂର୍ବରୁ ଅନୁସ୍ୱାର ଯୁକ୍ତ ଅକ୍ଷର ଆସିଲେ, ଅନୁସ୍ୱାର ର ଉଚ୍ଚାରଣ ସାନୁନାସିକ **'ୟ୍ଁ', 'ଲ୍ଁ'** କିମ୍ବା **'ୱ୍ଁ'** ହୋଇଥାଏ।

- **ୟ** - ସଂୟମ [ସଂ(ୟ୍ଁ)ୟମ], ସଂୟୋଗିତା [ସଂ(ୟ୍ଁ)ୟୋଗିତା], ସଂୟୁକ୍ତ [ସଂ(ୟ୍ଁ)ୟୁକ୍ତ]
- **ଲ** - ସଂଲଗ୍ନ [ସଂ(ଲ୍ଁ)ଲଗ୍ନ], ସଂଲାପ [ସଂ(ଲ୍ଁ)ଲାପ]
- **ବ(ୱ)** - ସଂବା(ୱା)ଦ [ସଂ(ବ୍,(ୱ୍ଁ)ବା(ୱା)ଦ], ସଂବ(ୱ)ର୍ଧନ [ସଂ(ବ୍,(ୱ୍ଁ)ବ(ୱ)ର୍ଧନ], ସଂବେ(ୱେ)ଦନା [ସଂ(ବ୍,(ୱ୍ଁ)ବେ(ୱେ)ଦନା]
- **ର** - ସଂରଚନା [ସଂ(ୱ୍ଁ)ରଚନା], ସଂରକ୍ଷଣ [ସଂ(ୱ୍ଁ)ରକ୍ଷଣ], ସଂରେଖଣ [ସଂ(ୱ୍ଁ)ରେଖଣ]
- **ଶ/ଷ** - ସଂଶୟ [ସଂ(ୱ୍ଁ)ଶୟ], ୱଂଶ [ୱଂ(ୱ୍ଁ)ଶ] , ଦଂଶ [ଦଂ(ୱ୍ଁ)ଶ], ଦଂଷ୍ଟ୍ରା [ଦଂ(ୱ୍ଁ)ଷ୍ଟ୍ରା], ସଂଶ୍ରୟ [ସଂ(ୱ୍ଁ)ଶ୍ରୟ]
- **ସ** - କଂସ [କଂ(ୱ୍ଁ)ସ], ସଂସାର [ସଂ(ୱ୍ଁ)ସାର], ସଂସର୍ଗ [ସଂ(ୱ୍ଁ)ସର୍ଗ]
- **ହ** - ସିଂହ [ସିଂ(ୱ୍ଁ)ହ], ସଂହାର [ସଂ(ୱ୍ଁ)ହାର], ସଂହିତା [ସଂ(ୱ୍ଁ)ହିତା]

### ପଦ ର ଶେଷ ରେ ଅନୁସ୍ୱାରଯୁକ୍ତ ବର୍ଣ୍ଣ ର ପରେ ଆସିବାକୁ ଥିବା 'ୟ' ଠାରୁ 'ହ' ପର୍ଯ୍ୟନ୍ତ ର ଉଦାହରଣ -

ପଦ ର ଶେଷରେ ଆସିବାକୁ ଥିବା ଅନୁସ୍ୱାରଯୁକ୍ତ ବର୍ଣ୍ଣ ର ପରେ **'ୟ** ଠାରୁ **ହ'** ବର୍ଣ୍ଣ ଆସିଲେ ଅନୁସ୍ୱାର ର ଉଚ୍ଚାରଣ ହୋଇଥାଏ।

- **ୟ** - ଧର୍ମ୍ୟାମୃତମିଦଂ(ୟ୍ଁ) ୟଥୋକ୍ତମ୍
- **ର** - ଲୋକମିମଂ(ମ୍) ରବିଃ
- **ଲ** – ତଦୋତ୍ତମବିଦାଂ(ଲ୍ଁ) ଲୋକାନ୍
- **ୱ** - ଧ୍ୟାନଂ(ୱ୍ଁ) ୱିଶିଷ୍ୟତେ
- **ଶ/ଷ** - ଇଦଂ(ମ୍) ଶରୀରମ୍
- **ସ** - ଏବଂ(ମ୍) ସତତ
- **ହ** - କ୍ଷୟଂ(ମ୍) ହିଂସାମ୍

# ବିସର୍ଗ ଉଚ୍ଚାରଣ ନିୟମ –

## ନିୟମ ୧ : ପଂକ୍ତି ର ଶେଷରେ ଆସିବାକୁ ଥିବା ବିସର୍ଗ ର ଉଚ୍ଚାରଣ –

ବିସର୍ଗ ମଧ୍ଧ ନିତ୍ୟ ସ୍ୱର ର ପରେ ହିଁ ଆସିଥାଏ। ଭଗବଦ୍ଗୀତା ରେ ପଂକ୍ତି ର ଶେଷରେ ଆସିବାକୁ ଥିବା ବିସର୍ଗଗୁଡିକର ଉଚ୍ଚାରଣ ଟିକେ 'ହ୍' ପରି କରାଯାଏ, ସ୍ୱରଗୁଡିକ ଅନୁସାରେ ଏହା **ହ, ହୁ, ହେ, ହି** ଆଦି ରେ ପରିବର୍ତ୍ତିତ ହୋଇଯାଏ। ଉଦାହରଣ -

**ବିସର୍ଗ ର ପୂର୍ବ ସ୍ୱର -**

- ଯଦି 'ଅ' ଅଛି ତେବେ ବିସର୍ଗ ର ଉଚ୍ଚାରଣ **'ହ/ହା'** ପରି ହେବ। ଉଦାହରଣ. - **ସଂଶୟଃ - ସଂଶୟହ/ସଂଶୟହା**
- ଯଦି **'ଆ'** ଅଛି ତେବେ ବିସର୍ଗ ର ଉଚ୍ଚାରଣ **'ହା'** ପରି ହେବ। ଉଦାହରଣ. - **ରତାଃ - ରତାହା**
- ଯଦି 'ଇ', 'ଈ', 'ଐ' ଅଛି ତେବେ ବିସର୍ଗ ର ଉଚ୍ଚାରଣ **'ହି'** ପରି ହେବ। ଉଦାହରଣ - **ମତିଃ - ମତିହି, ଧର୍ମୈଃ - ଧର୍ମୈହି**
- ଯଦି 'ଉ', 'ଊ', 'ଔ' ଅଛି ତେବେ ବିସର୍ଗ ର ଉଚ୍ଚାରଣ **'ହୁ'** ପରି ହେବ। ଉଦାହରଣ - **କୁରୁଃ - କୁରୁହୁ, ଗୌଃ - ଗୌହୁ**
- ଯଦି 'ଏ' ଅଛି ତେବେ ବିସର୍ଗ ର ଉଚ୍ଚାରଣ **'ହେ'** ପରି ହେବ। ଉଦାହରଣ - **ଭୂମେଃ - ଭୂମେହେ**
- ଯଦି 'ଓ' ଅଛି ତେବେ ବିସର୍ଗ ର ଉଚ୍ଚାରଣ **'ହୋ'** ପରି ହେବ। ଉଦାହରଣ - **ମାନାପମାନୟୋଃ - ମାନାପମାନୟୋହୋ**

## ନିୟମ ୨ : କେତେକ ବିଶିଷ୍ଟ ବର୍ଣ୍ଣ ପୂର୍ବରୁ ଆସିବାକୁ ଥିବା ବିସର୍ଗ ର ଉଚ୍ଚାରଣ –

ଦୁଇଟି ପଦ ମଧ୍ୟରେ ଆସୁଥିବା ବିସର୍ଗ ର ଉଚ୍ଚାରଣ ତାହାର ପରବର୍ତ୍ତୀ ବର୍ଣ୍ଣ ଅନୁସାରେ ହୋଇଥାଏ -

- ଯଦି ବିସର୍ଗ ପରେ **'କ୍'** କିମ୍ବା **'ଖ୍'** ଏହି ବର୍ଣ୍ଣ ଆସୁଥାଏ, ତେବେ ସେହି ବିସର୍ଗ ର ଉଚ୍ଚାରଣ ଟିକେ **'ଖ୍'** ପରି କରିବା ଦରକାର। ଧ୍ୟାନ ରଖନ୍ତୁ କି ଉଚ୍ଚାରଣ **'ଖ୍'** ପରି କରିବା ଦରକାର **'ଖ୍'** ନୁହେଁ।
  ଯେପରି - **ମୈତ୍ରଃ କରୁଣ ଏବ ଚ – ମୈତ୍ରଃ(ଖ୍) କରୁଣ ଏବ ଚ**
- ଯଦି ବିସର୍ଗ ପରେ **'ପ୍'** କିମ୍ବା **'ଫ୍'** ଏହି ବର୍ଣ୍ଣ ଆସୁଥାଏ, ତେବେ ସେହି ବିସର୍ଗ ର ଉଚ୍ଚାରଣ ଟିକେ **'ଫ୍'** ପରି କରିବା ଦରକାର। ଧ୍ୟାନ ରଖନ୍ତୁ କି ଉଚ୍ଚାରଣ **'ଫ୍'** ପରି କରିବା ଦରକାର **'ଫ୍'** ନୁହେଁ।
  ଯେପରି - **ତତଃ ପଦଂ ତତ୍ପରିମାର୍ଗିତବ୍ୟମ୍ – ତତଃ(ଫ୍) ପଦଂ ତତ୍ପରିମାର୍ଗିତବ୍ୟମ୍**
- ବିସର୍ଗ ପରେ ଯଦି **'ସ୍', 'ଶ୍'** କିମ୍ବା **'ଷ୍'** ଏହି ବର୍ଣ୍ଣ ଆସୁଥାଏ, ତେବେ ସେହି ବିସର୍ଗ ର ଉଚ୍ଚାରଣ କ୍ରମଶଃ **'ସ୍', 'ଶ୍'** ଏବଂ **'ଷ୍'** ପରି ହୋଇଥାଏ। ଉଦାହରଣ - **ୟୋ ମଦ୍ଭକ୍ତଃ ସ ମେ ପ୍ରିୟଃ= ୟୋ ମଦ୍ଭକ୍ତଃସ୍ସ ମେ ପ୍ରିୟଃ**
  **ଊର୍ଧ୍ୱମୂଲମଧଃ ଶାଖମ୍ = ଊର୍ଧ୍ୱମୂଲମଧଶ୍ଶାଖମ୍**
  **ମନଃ ଷଷ୍ଠାନିନ୍ଦ୍ରିୟାଣୀ = ମନଷ୍ଷଷ୍ଠାନିନ୍ଦ୍ରିୟାଣୀ**

**ବିଶେଷ ନିୟମ :** ଯଦି ବିସର୍ଗ ପରେ **'କ୍ଷ'** ବର୍ଣ୍ଣ ଆସୁଥାଏ, ତେବେ ବିସର୍ଗ ର ଉଚ୍ଚାରଣ ନିୟମ ୧ ପରି **ହ, ହି, ହୁ, ହେ** ରହିବ। ଉଦାହରଣ - **ତେଜଃ କ୍ଷମା = ତେଜହ କ୍ଷମା**

**ବିସର୍ଗ ସନ୍ଧି ନିୟମ** -

ସନ୍ଧି କରିବା ସମୟରେ ଭଗବଦ୍ଗୀତା ରେ କେତେକ ସ୍ଥାନରେ ବିସର୍ଗ ର ପରିବର୍ତ୍ତନ **ର୍, ସ୍, ଶ୍, ଷ୍** ଆଦି ରେ ହୋଇଥିବାର ଦେଖାଯାଏ। ଏହି ପରିବର୍ତ୍ତନ ବିସର୍ଗ ସନ୍ଧି ନିୟମ କାରଣରୁ ହୋଇଥାଏ, ଯାହା ବହୁତ ବିସ୍ତୃତ ଅଟେ। ଏଣୁ ସେସବୁକୁ ଆଗାମୀ ସ୍ତର ରେ ବୁଝାଇ ଦିଆଯିବ। ଏବେ ଆପଣମାନେ ପିଡିଏଫ୍ ରେ ଯେଉଁଠି ଯେପରି ପରିବର୍ତ୍ତନ ଦିଆଯାଇଛି, ସେଗୁଡିକୁ ସେହିପରି ଭାବରେ ଅଭ୍ୟାସ କରନ୍ତୁ।

ଉଦାହରଣ - **ବୁଦ୍ଧିଃ ଯୋ – ବୁଦ୍ଧିର୍ଯୋ, ପରଯୋପେତାଃ ତେ – ପରଯୋପେତାସ୍ତେ, ବେଦୈଃ ଚ – ବେଦୈଶ୍ଚ**

**ଏଠାରେ ଜାଣିରଖିବା ଦରକାର ଯେ ବିସର୍ଗ ପରେ ଉପରୋକ୍ତ ବର୍ଣ୍ଣଗୁଡିକ ବ୍ୟତୀତ ଅନ୍ୟ ଯେକୌଣସି ବର୍ଣ୍ଣ ଆସିଲେ ବିସର୍ଗ ର ଉଚ୍ଚାରଣ ନିୟମ ୧ ଭଳି ହ, ହୁ, ହେ, ହି ଆଦି ହେବ।**

**ଅବଗ୍ରହ(ঽ) -**

ଅବଗ୍ରହ **'ঽ'** ଗୋଟିଏ ଚିହ୍ନ ଅଟେ ଯାହାକି ସନ୍ଧି ର କାରଣ ହୋଇ 'ଅକାର(ଅ)' ର ଲୋପ କୁ ଦର୍ଶାଏ। ବସ୍ତୁତଃ ଏହାର କୌଣସି ବିଶେଷ ଉଚ୍ଚାରଣ ନଥାଏ। କେବଳ ବିଗ୍ରହ ସମୟରେ ଅର୍ଥଭେଦ ନହେବା ପାଇଁ ଏହାର ପ୍ରୟୋଗ କରାଯାଇଥାଏ। ଯେପରି କି - ପ୍ରୟାଣକାଲେ+ଅପି – ପ୍ରୟାଣକାଲେঽପି

**ଆଘାତ ଉଚ୍ଚାରଣ ନିୟମ** -

- କୌଣସି ସ୍ଥାନରେ ସଂଯୁକ୍ତ ବର୍ଣ୍ଣ (ଦୁଇଟି ବ୍ୟଞ୍ଜନ ର ସଂଯୋଗ) ଆସିଲେ ତାହା ପୂର୍ବରୁ ଆସିବାକୁ ଥିବା ସ୍ୱର ଉପରେ ଆଘାତ ଦେବା ଦରକାର ଅର୍ଥାତ୍ ସଂଯୁକ୍ତ ବର୍ଣ୍ଣ ର ପ୍ରଥମ ବର୍ଣ୍ଣ ର ଦ୍ୱିତ୍ୱ(ଦୁଇଥର ପଢିବା) କରିବା ଦରକାର। ଯେଉଁଠି ଆଘାତ ଆସିବା ଦରକାର ସେଠାରେ ସଂକେତ ପାଇଁ ପ୍ରତ୍ୟେକ ଶ୍ଲୋକ ରେ ବର୍ଣ୍ଣଗୁଡିକ ଉପରେ '|' ଚିହ୍ନ ଦିଆଯାଇ ଅଛି ଯେପରି - **କ୍ଷ(କ୍+ଷ), ତ୍ର(ତ୍+ର), ଜ୍ଞ(ଜ୍+ଞ), ତ୍ୟ(ତ୍+ୟ ), ଵ୍ୟ(ଵ୍ +ୟ)** ଇତ୍ୟାଦି ସଂଯୁକ୍ତ ବର୍ଣ୍ଣ ଅଟନ୍ତି ।

  ଉଦାହରଣ - **ମଵ୍ୟକ୍ତମ୍ = ମଵ୍ + ଵ୍ୟକ୍ + କ୍ତମ୍**

  **ମେ ପ୍ରିୟଃ = ମେପ୍ + ପ୍ରିୟଃ**
- ଯଦି କୌଣସି ବ୍ୟଞ୍ଜନ ର ସ୍ୱର ସହିତ ସଂଯୋଗ ହୁଏ ତେବେ ତାହା ସଂଯୁକ୍ତ ବର୍ଣ୍ଣ ହୁଏ ନାହିଁ। ଏଥିପାଇଁ ସେଠାରେ ଆଘାତ ମଧ୍ୟ ହୁଏ ନାହିଁ। ଉଦାହରଣ - **'ଋ'** ଏକ ସ୍ୱରବର୍ଣ୍ଣ ଅଟେ ଅତଃ **ବିସୃଜାମ୍ୟହମ୍'** ରେ **'ସୃ'='ସ୍+ଋ'** ରେ **'ସୃ'** ର ପୂର୍ବ **'ବି'** ଉପରେ ଆଘାତ ଦିଆଯିବ ନାହିଁ। ସଂଯୁକ୍ତ ବର୍ଣ୍ଣ ର ପୂର୍ବ ସ୍ୱର ଉପରେ ହିଁ ଆଘାତ ଦିଆଯାଏ, କୌଣସି ବ୍ୟଞ୍ଜନ, ଅନୁସ୍ୱାର କିମ୍ବା ବିସର୍ଗ ଉପରେ ନୁହେଁ। ଉଦାହରଣ - **'ବାସୁଦେବଂ(ଙ୍) ବ୍ରଜପ୍ରିୟମ୍'** ରେ 'ବ୍ର' ସଂଯୁକ୍ତ ହୋଇଥିଲେ ମଧ୍ୟ ପୂର୍ବରେ ଅନୁସ୍ୱାର ଥିବାରୁ ଆଘାତ ଆସିବ ନାହିଁ।
- କେତେକ ସ୍ଥାନରେ ସ୍ୱର ପଛରେ ସଂଯୁକ୍ତ ବର୍ଣ୍ଣ ଥାଇ ମଧ୍ୟ ଅପବାଦ ନିୟମ କାରଣରୁ ଆଘାତ ଦିଆଯାଇ ନାହିଁ ଯେପରି ସଂଯୁକ୍ତ ବର୍ଣ୍ଣ ରେ :
  1. ଗୋଟିଏ ବର୍ଣ୍ଣ ଦୁଇଥର ଆସିଲେ – ମ**ୟ୍ୟା**ବେଶ୍ୟ ରେ **ମ** ଉପରେ, ଉ**ଚ୍ଛି**ଷ୍ଟ ରେ **ଉ** ଉପରେ ଆଘାତ ଆସିବ ନାହିଁ।
  2. ତିନୋଟି ବ୍ୟଞ୍ଜନ ର ସଂଯୁକ୍ତ ହୋଇଥିଲେ – ଭ**କ୍ତ୍ୟା** ରେ **ଭ** ଉପରେ, ଯେ**ନ୍ଦ୍ରି**ୟ ରେ **ଯେ** ଉପରେ ଆଘାତ ଆସିବ ନାହିଁ।
  3. ପ୍ରଥମ ବର୍ଣ୍ଣ ରେଫ୍ (ଉପର ର୍) କିମ୍ବା ହକାର ଆସିଲେ – ସ**ର୍ବ**ତ୍ର ରେ **ସ** ଉପରେ, ଗୁ**ହ୍ୟ** ରେ **ଗୁ** ଉପରେ ଆଘାତ ଆସିବ ନାହିଁ।

ସଂସ୍କୃତ ଭାଷା ରେ ବର୍ଣ୍ଣଗୁଡିକର ଉଚ୍ଚାରଣ ପାଇଁ ମୁଖ ର ବିଭିନ୍ନ ସ୍ଥାନର ପ୍ରୟୋଗ ହୋଇଥାଏ। ଏହି ଚିତ୍ର ରେ ବର୍ଣ୍ଣଗୁଡିକର ଉଚ୍ଚାରଣ ସ୍ଥାନଗୁଡିକୁ ଦର୍ଶାଇ ଦିଆଯାଇ ଅଛି। ସଠିକ୍ ସ୍ଥାନ ର ପ୍ରୟୋଗ କରି ଆମେ ଆମର ଉଚ୍ଚାରଣ କୁ ଅଧିକ ରୁ ଅଧିକ ଶୁଦ୍ଧ କରି ପାରିବା। ସଂସ୍କୃତ ଭାଷା କେତେ ବୈଜ୍ଞାନିକ ଏବଂ ସମୃଦ୍ଧ ଅଟେ ଏହାକୁ ନିମ୍ନ ଚିତ୍ର ରୁ ବୁଝାଯାଇ ପାରିବା।




|| ଇତି ||

*ଗୀତା ପରିବାର ସାହିତ୍ୟ ର ଉପଯୋଗ ଅନ୍ୟ କୌଣସି ସ୍ଥାନରେ କରିବା ନିମନ୍ତେ ପୂର୍ବାନୁମତି ଆବଶ୍ୟକ ।*
*ଅନୁମତି ପାଇଁ ପୂର୍ଣ୍ଣ ପ୍ରୟୋଜନ **consent@learngeeta.com** ରେ ଆମ୍ଭଙ୍କୁ ମେଲ୍ କରନ୍ତୁ ।*